# NATIONAL NEWS BULLETIN (ODIA)

## 30 July 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ସେନା ଚିକିତ୍ସା ପ୍ରସ୍ତୁତିର ଅନୁସନ୍ଧାନ ଓ ବିକାଶ ଲାଗି ଦେଶର ପ୍ରଥମ ଶୈକ୍ଷିକ ଓ ପରିଚାଳନା ବିଭାଗର ଶୁଭାରମ୍ଭ କଲେ ପ୍ରତିରକ୍ଷା ମନ୍ତ୍ରୀ
- ନୂଆଦିଲ୍ଲୀରେ ଆସନ୍ତା ଅକ୍ଟୋବର ମାସରେ ଅନୁଷ୍ଠିତ ହେବ ଇଣ୍ଡିଆ ମୋବାଇଲ କଂଗ୍ରେସର ଦଶମ ସଂସ୍କରଣ

– ବିଷୟ ବସ୍ତୁ ରହିଛି 'ପରିସୀମା ପରେ ବିସ୍ତାର'

- ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ ଲୋକସଭାର ମଞ୍ଜୁରୀ ଲାଭ କରିବା ପରେ ଛାତ୍ରଛାତ୍ରୀ ଓ ଯୁବ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ
- ଇରାନ୍ ସେନା ସହ ସମ୍ପର୍କିତ କେତେକ ପ୍ରତିଷ୍ଠାନ ଉପରେ ପ୍ରତିବନ୍ଧକ ଜାରି କଲା ଆମେରିକା

ଏବଂ

- ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୫ଟି ପଦକ ସହ ଅଷ୍ଟମ ସ୍ଥାନରେ ଭାରତ

## ରାଜନାଥ ସେଣ୍ଟ୍ରାଲ- କମାଣ୍ଡ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସେନା ଚିକିତ୍ସା ନିମନ୍ତେ ଦେଶର ପ୍ରଥମ ଶୈକ୍ଷିକ ଏବଂ ପରିଚାଳନା ବିଭାଗର ଶୁଭାରମ୍ଭ କରିଛନ୍ତି। ଲକ୍ଷ୍ନୌସ୍ଥିତ କେନ୍ଦ୍ରୀୟ କମାଣ୍ଡ ହସ୍ପିଟାଲରେ ଏହି ସେନା ଚିକିତ୍ସା ବିଭାଗର ଆଭାସୀ ଜରିଆରେ ମନ୍ତ୍ରୀ ଶ୍ରୀ ସିଂହ ଉଦ୍‌ଘାଟନ କରିଛନ୍ତି। ଏହାର ଉଦ୍ଦେଶ୍ୟ ହେଉଛି ଯୁଦ୍ଧକାଳୀନ ଚିକିତ୍ସା ଲାଗି ପ୍ରସ୍ତୁତି ତ୍ୱରାନ୍ୱିତ, ଅନୁସନ୍ଧାନ କ୍ଷେତ୍ରର ବିକାଶ ଏବଂ ସ୍ୱଦେଶୀ ସିଦ୍ଧାନ୍ତର ବିକାଶ କରିବା। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ନୂଆ ସେନା ଚିକିତ୍ସା ବିଭାଗ ଦେଶର ସେନା ମାନସିକତା କ୍ଷେତ୍ରରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବ। ସମସ୍ତଙ୍କ ସହଯୋଗରେ ଏହାକୁ ବିଶ୍ୱର ସର୍ବଶ୍ରେଷ୍ଠ ଯୁଦ୍ଧ କ୍ଷେତ୍ର ଚିକିତ୍ସା ଅନୁସନ୍ଧାନ କେନ୍ଦ୍ରରେ ପରିଣତ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ବର୍ତ୍ତମାନ ସମୟରେ ସାମୂହିକ ବିନାଶ ସୃଷ୍ଟି କରୁଥିବା ଅସ୍ତ୍ରଶସ୍ତ୍ରର ଭୟ ବୃଦ୍ଧି ପାଇଛି। ଏଭଳି ପରିସ୍ଥିତିରେ ଏହି କେନ୍ଦ୍ର ଅନୁସନ୍ଧାନ ଏବଂ ବିକାଶ କେନ୍ଦ୍ର ଭାବେ କାର୍ଯ୍ୟ କରିବ।

## ସିନ୍ଧିଆ– ଆଇଏମ୍‌ସି ଥିମ୍ ଲଞ୍ଚ

କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ନୂଆଦିଲ୍ଲୀରେ ଇଣ୍ଡିଆ ମୋବାଇଲ କଂଗ୍ରେସ-୨୦୨୬ର ଦଶମ ସଂସ୍କରଣର ବିଷୟବସ୍ତୁ ଉନ୍ମୋଚନ କରିଛନ୍ତି। ଏସିଆର ସର୍ବବୃହତ ଡିଜିଟାଲ ପ୍ରଯୁକ୍ତିବିଦ୍ୟା

ମଞ୍ଚରେ ସାମିଲ ଇଣ୍ଡିଆ ମୋବାଇଲ କଂଗ୍ରେସର ଆୟୋଜନ ଚଳିତ ବର୍ଷ ଅକ୍ଟୋବର ମାସ ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ। ଟେଲି ଯୋଗାଯୋଗ ବିଭାଗ ଏବଂ ଭାରତୀୟ ସେଲୁଲାର ପରିଚାଳକ ସଂଘ ମିଳିତ ଭାବେ ଏହି ସମ୍ମିଳନୀ ଆୟୋଜନ କରିବେ। ଏଥିରେ ବିଶ୍ୱସ୍ତରୀୟ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞ, ଟେଲି ଯୋଗାଯୋଗ ପରିଚାଳକ, ନବସୃଜନକାରୀ, ଷ୍ଟାର୍ଟଅପ୍, ନିବେଶକ, ଗବେଷକ ଏବଂ ନୀତିନିର୍ଦ୍ଧାରକମାନେ ଯୋଗଦେଇ ଭାରତର ଭବିଷ୍ୟତର ଡିଜିଟାଲ ପରିବର୍ତ୍ତନ ସମ୍ପର୍କରେ ମତ ଉପସ୍ଥାପନ କରିବେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିନ୍ଧିଆ କହିଛନ୍ତି, ଚଳିତ ବର୍ଷ ଇଣ୍ଡିଆ ମୋବାଇଲ କଂଗ୍ରେସର ବିଷୟବସ୍ତୁ ରହିଛି 'ପରିସୀମା ପରେ ବିସ୍ତାର'। ଏହାର ଏଭଳି ନବସୃଜନକୁ ଦର୍ଶାଉଛି, ଯାହା ଭୌଗୋଳିକ, ଶିଳ୍ପ କିମ୍ବା ପ୍ରଯୁକ୍ତିବିଦ୍ୟା ଦ୍ୱାରା ସୀମିତ ହୋଇ ରହିବ ନାହିଁ। ସୂଚନା ଅନୁଯାୟୀ, ଏହି ସମ୍ମିଳନୀରେ ଦେଢ଼ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ। ଯେଉଁଥିରେ ୧୦୦ରୁ ଅଧିକ ଦେଶରୁ ୩୦୦ରୁ ଅଧିକ ପ୍ରଦର୍ଶକ ସାମିଲ ହେବେ।

## ନଡ୍ଡା– ଟିବି ଏଲିମିନେସନ୍

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି.ନଡ୍ଡା ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ସଂସଦରେ ଥିବା ପଶ୍ଚିମବଙ୍ଗର ସଦସ୍ୟମାନଙ୍କୁ ଜନଆନ୍ଦୋଳନର ନେତୃତ୍ୱ ନେବାକୁ ଆହ୍ୱାନ ଦେଇଛନ୍ତି। ଏକ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ନଡ୍ଡା କହିଛନ୍ତି, ଯକ୍ଷ୍ମା ରୋଗ ପ୍ରତିହତ କରିବା କ୍ଷେତ୍ରରେ ସଫଳତା ହାସଲ କରିଛି। ବିଶ୍ୱସ୍ତରରେ ଭାରତରେ ଯକ୍ଷ୍ମା ରୋଗ ୨୧ ପ୍ରତିଶତ ହ୍ରାସ ପାଇଥିବା ବେଳେ ୯୨ ପ୍ରତିଶତ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ସ୍ୱାସ୍ଥ୍ୟମନ୍ତ୍ରୀ' ସାଂସଦମାନଙ୍କୁ ୨୦୩୦ ସୁଦ୍ଧା ଯକ୍ଷ୍ମା

ମୂଳୋତ୍ପାଟନ ପାଇଁ ସମ୍ପ୍ରଦାୟ ଯୋଗଦାନ ଦୃଢ଼ କରି ଏହାର ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି କହିଛନ୍ତି।

## ବୈଷ୍ଣବ– ଏକ୍ସାମ ବିଲ୍

ଲୋକସଭାରେ ଗତକାଲି ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକକୁ ମଞ୍ଜୁରୀ ମିଳିବା ପରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଶର ଛାତ୍ରଛାତ୍ରୀ ଓ ଯୁବ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଶ୍ରୀ ବୈଷ୍ଣବ କହିଛନ୍ତି, ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କ୍ଷେତ୍ରରେ ଏହି ବିଧେୟକ କଠୋର ପଦକ୍ଷେପ ଗ୍ରହଣ କରିବ। ସେ କହିଛନ୍ତି, ଫାଷ୍ଟଟ୍ରାକ ଅଦାଲତ ଜରିଆରେ ଅଭିଯୁକ୍ତମାନଙ୍କୁ ଅତିକମ୍ ସମୟ ମଧ୍ୟରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ଏହି ବିଧେୟକରେ ରହିଛି।

## ଇଣ୍ଡିଆ-ବାଂଲାଦେଶ

ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ଦିନେଶ ତ୍ରିବେଦୀ' ବାଂଲାଦେଶର ବୈଦେଶିକ ମନ୍ତ୍ରୀ ଡକ୍ଟର ଖଲିଉର ରହମାନଙ୍କ ସହ ବୈଠକ କରିଛନ୍ତି। ବୈଠକରେ ଢାକା ସହ ଏକ ସକାରାତ୍ମକ, ଗଠନମୂଳକ ଏବଂ ଭାଗିଦାରିତାପୂର୍ଣ୍ଣ ସମ୍ପର୍କ ନେଇ ଭାରତ ଦୃଢ଼ ପ୍ରତିବଦ୍ଧତା ପ୍ରକାଶ କରିଛି। ସାମାଜିକ ଗଣମାଧ୍ୟମରେ ଉଚ୍ଚାୟୁକ୍ତ ଶ୍ରୀ ତ୍ରିବେଦୀ କହିଛନ୍ତି, ବାଂଲାଦେଶର ବୈଦେଶିକ ବିଭାଗ ରାଷ୍ଟ୍ରମନ୍ତ୍ରୀ ସମା ଓବେଦ ଇସଲାମ୍ଙ୍କ ସହ ମଧ୍ୟ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ନେଇ ଆଲୋଚନା ହୋଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଭାରତ ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ଆସନ୍ତା ସେପ୍ଟେମ୍ବର

ମାସରେ ନୂଆଦିଲ୍ଲୀରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ନିମନ୍ତ୍ରଣ କରିଛି। ବ୍ରିକ୍ସ ଦେଶ ସମୂହ ମଧ୍ୟରେ ବାଂଲାଦେଶ ନ ଥିବା ବେଳେ ଭାରତ ସ୍ୱତନ୍ତ୍ର ଅତିଥିଭାବେ ବାଂଲାଦେଶକୁ ନିମନ୍ତ୍ରଣ କରିଥିବା ଜଣାପଡ଼ିଛି। ବ୍ରିକ୍ସରେ ଏବେ ବ୍ରାଜିଲ, ଚାଇନା, ଇଜିପ୍ଟ, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ଇରାନ୍, ରୁଷ, ସାଉଦିଆରବ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସ ସଦସ୍ୟ ଅଛନ୍ତି।

## ୟୁଏସ୍-ଇରାନ୍ ସ୍ୟାନସନ୍ସ

ଇରାନ୍‌ର ରିଭଲ୍ୟୁସନାରୀ ଗାର୍ଡସ ସହ ସମ୍ପର୍କିତ କେତେକ ପ୍ରତିଷ୍ଠାନ ଉପରେ ଆମେରିକା ପ୍ରତିବନ୍ଧକ ଜାରି କରିଛି। ଆମେରିକାର ଟ୍ରେଜେରୀ ବିଭାଗର ସୂଚନା ଅନୁଯାୟୀ, ଏହି ପ୍ରତିବନ୍ଧକ ଯୋଗୁଁ ହର୍ମୁଜ ପ୍ରଣାଳୀରେ ୮ଟି ତୈଳବାହୀ ଟ୍ୟାଙ୍କର ଏବଂ ୧୦ଟି କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆମେରିକା ପକ୍ଷରୁ ଇରାନ୍‌ର ନିୟମ ବିରୁଦ୍ଧ ପେଟ୍ରୋଲିୟମ ବ୍ୟବସାୟକୁ କ୍ଷତିଗ୍ରସ୍ତ କରିବା ଲାଗି ପଦକ୍ଷେପ ନିଆଯାଉଛି। ଆମେରିକା ଅଭିଯୋଗ କରିଛି, ଇରାନ୍‌ର ସେନା ହର୍ମୁଜ ପ୍ରଣାଳୀ ଦେଇ ଯାତାୟତ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକୁ ସାମୁଦ୍ରିକ ବୀମା ଲାଗି ବାଧ୍ୟ କରୁଛି। ଅନ୍ୟପକ୍ଷରେ କେତେକ ତୈଳ ପରିବହନକାରୀ କମ୍ପାନୀ ଚୀନ୍ ଏବଂ ୟୁନାଇଟେଡ୍ ଆରବ ଏମିରେଟ୍ସକୁ ଅଶୋଧିତ ତୈଳ ପହଁଞ୍ଚାଇଥିବା ଆମେରିକା କହିଛି। ସୂଚନା ଅନୁଯାୟୀ, ଚଳିତ ବର୍ଷ ଆରମ୍ଭରୁ ଏ ପର୍ଯ୍ୟନ୍ତ ଇରାନ୍ ସହ ସମ୍ପର୍କିତ ୧୦୦ରୁ ଅଧିକ ଜାହାଜକୁ ଆମେରିକା ପ୍ରତିବନ୍ଧିତ ସୂଚିରେ ସାମିଲ କରିଛି।

## ଗୋଏଲ–ଜେଆର୍‌ଡି ଟାଟା ଲେକଚର

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋଏଲ କହିଛନ୍ତି, ନବସୃଜନ, ଉନ୍ନତ ପ୍ରଯୁକ୍ତିବିଦ୍ୟା, ଷ୍ଟାର୍ଟଅପ୍, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଭାରତର ଆର୍ଥିକ ବିକାଶକୁ ଆଗକୁ ନେଉଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ୨୨ତମ ଜେଆର୍‌ଡି ଟାଟା ସ୍ମୃତି ସମ୍ଭାଷଣରେ ଶ୍ରୀ ଗୋଏଲ କହିଛନ୍ତି, ଉତ୍କୃଷ୍ଟତା ହାସଲ ଲାଗି ସବୁ ସମୟରେ ଉଦ୍ୟମ କରିବା ଆବଶ୍ୟକ ଏବଂ ଏହା ସୁନିଶ୍ଚିତ କରାଯିବା ଉଚିତ ଯେ 'ମେଡ୍ ଇନ୍ ଇଣ୍ଡିଆ' ସାମଗ୍ରୀ ଏହାର ଗୁଣବତ୍ତା ଓ ପ୍ରତିଯୋଗିତାମୂଳକ ଗୁଣ ଜରିଆରେ ବିଶ୍ୱସ୍ତରରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିପାରିବ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗୋଏଲ ନବସୃଜନକୁ ବୃଦ୍ଧି ଦେବା ଲାଗି କେତେକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନବସୃଜନ କ୍ଷେତ୍ରରେ ଅନୁସନ୍ଧାନ ଏବଂ ବିକାଶ ଲାଗି ୧ ଲକ୍ଷ କୋଟି ଟଙ୍କାର ଇଣ୍ଡିଆ ଏ.ଆଇ. ମିଶନ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ସେମିକଣ୍ଡକ୍ଟର ମିଶନକୁ ସାମିଲ କରାଯାଇଛି । ସେ କହିଛନ୍ତି, ଏହାଦ୍ୱାରା ଦେଶର ନବସୃଜନ ପରିସ୍ଥିତି କ୍ଷେତ୍ରକୁ ଆହୁରି ଦୃଢ଼ କରାଯିବା ସହ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟାର ବିକାଶ କ୍ଷେତ୍ର ତ୍ୱରାନ୍ୱିତ ହୋଇପାରିବ ।

## ପିଏମ୍– ସିଡବ୍ଲ୍ୟୁଜି କ୍ରୀଡ଼ା

ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା ୬୯ କିଲୋଗ୍ରାମ ଭାରୋତ୍ତଳନରେ ରୌପ୍ୟ ପଦକ ଜିତିଥିବା ହରଜିନ୍ଦର କୌରଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ

ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ହରଜିନ୍ଦରଙ୍କୁ ପ୍ରଶଂସା କରି କହିଛନ୍ତି, ଏହା ତାଙ୍କର ଉନ୍ନତ ପ୍ରଦର୍ଶନୀ ଥିଲା।

**V/O- Hajindar Kaur**

ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ ଭାରୋତ୍ତଳନକାରୀଙ୍କ ପ୍ରଦର୍ଶନ ନେଇ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଶ୍ରୀ ମୋଦୀ ମଧ୍ୟ ଦ୍ରୁତଧାବକ ଗୁଲ୍‌ବୀର ସିଂହଙ୍କୁ ପୁରୁଷ ୧୦ ହଜାର ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ' ଗୁଲ୍‌ବୀର ସିଂହଙ୍କ ପ୍ରତିବଦ୍ଧତା ଓ ଧୌର୍ଯ୍ୟକୁ ପ୍ରଶଂସା କରିଛନ୍ତି।

**V/O- Gulveer Singh**

## ସିଡବ୍ଲ୍ୟୁଜି– ମେଡାଲ୍ସ

ଗ୍ଲାସ୍‌ଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପାରାକ୍ରୀଡ଼ାବିତ୍‌ମାନେ ଇତିହାସ ସୃଷ୍ଟି କରିଛନ୍ତି। ପୁରୁଷ ୧୦୦ ମିଟର ଟି-୪୭ ଫାଇନାଲରେ ଦିଲ୍ଲୀପ ମାହାଦୂ ଗାଭିତ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମହମ୍ମଦ ବାସିଲ ମୋସିଙ୍ଗାନାକାଥ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ପ୍ରତିଯୋଗିତା ଆରମ୍ଭରେ ପୁରୁଷ ଲମ୍ଫ ଡିଆଁରେ ମୁରଲୀ ଶ୍ରୀଶଙ୍କର ରୌପ୍ୟ ପଦକ ଜିତିବା ପରେ ଦୌଡ଼ରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ଦୁଇଟି ପଦକ ହାସଲ କରିଥିଲେ। ଶ୍ରୀ ଶଙ୍କର ପ୍ରଥମ ଭାରତୀୟଭାବେ ପୁରୁଷ ଲମ୍ଫ ଡିଆଁରେ ଦୁଇଟି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ହାସଲ କରିଛନ୍ତି। ୧୫ଟି ପଦକ ସହ ଭାରତ ତାଲିକାରେ ଅଷ୍ଟମ ସ୍ଥାନରେ ରହିଥିବାବେଳେ ସେଥିମଧ୍ୟରେ ତିନୋଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୩ଟି କାଂସ୍ୟ ପଦକ ରହିଛି।

# ବ୍ୟାଡମିଣ୍ଟନ– ତାଇପେନ ଓପନ

ଭାରତର ଏଚ୍.ଏସ୍.ପ୍ରଣୟ ଏବଂ ଉନ୍ନତି ହୁଡ୍ଡା ତାଇପେଇ ଓପନ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ୧୮ ବର୍ଷୀୟ ପ୍ରଣୟ ତାଇପେଇର ଓ୍ୱାଙ୍ଗ ପେୟୁ'ଙ୍କୁ ୨୧-୧୨ ଓ ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି। ମହିଳା ଏକକରେ ଉନ୍ନତୀ ହୁଡ୍ଡା, ତାନ୍ୟା ହେମନ୍ତ, ଅନମୋଲ ଖରବ ଏବଂ ତନ୍‌ଭୀ ଶର୍ମା ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି।